## ଭାରତୀୟ ସେନା ସଜାଗ

# ଲଦାଖ ସୀମାରେ ପାକ୍ ଯୁଦ୍ଧବିମାନ



**ନୂଆଦିଲ୍ଲୀ, ୧୨।୮/ଏଜେନ୍ସି:**

ଲଦାଖ ନିକଟବର୍ତ୍ତୀ ସ୍କାର୍ଦ୍ଦୁ ବାୟୁସେନା ଘାଟିରେ ପାକିସ୍ତାନ ଅଧିକ ଯୁଦ୍ଧବିମାନ ମୁତୟନ କରିଥିବା ପରିଲକ୍ଷିତ ହୋଇଛି । ଏହି ସାମରିକ ଆସ୍ଥା ଘାଟିରେ ପାକ୍ ସେନା ଅସ୍ତ୍ରଶସ୍ତ୍ର ଠୁଳ କରୁଥିବା ଖବର ମିଳିଛି । ସୀମାରେ ସେନା ପରିଚାଳନା ପାଇଁ ପାକ୍ ବିମାନ ବାହିନୀ ସ୍କାର୍ଦ୍ଦୁ ବାୟୁସେନା ଘାଟିକୁ ବ୍ୟବହାର କରିଥାଏ ।କଶ୍ମୀରରୁ ୩୭୦ ଧାରା ଉଚ୍ଛେଦ ପରେ ଭାରତ ସହ ଶତ୍ରୁତା ଭାବ ସୃଷ୍ଟି କରିଥିବା ପାକିସ୍ତାନ ଏବେ ଲଦାଖ ସୀମାରେ ସମରସଜ୍ଜା କରୁଥିବାରୁ ଏଥିପ୍ରତି ଭାରତ ସଜାଗ ଦୃଷ୍ଟି ରଖିଛି ।

ଭାରତୀୟ ଗୁଇନ୍ଦା ସଂସ୍ଥା ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ପାକିସ୍ତାନ ସେନାର ୩ଟି ସି-୧୩୦ ପରିବହନ ବିମାନ ଲଦାଖ ନିକଟ ସ୍କାର୍ଦ୍ଦୁ ବାୟୁସେନା ଘାଟିକୁ ସାମରିକ ଯନ୍ତ୍ରାଂଶ ଓ ଅସ୍ତ୍ରଶସ୍ତ୍ର ଆଣିବାରେ ନିୟୋଜିତ ହୋଇଛନ୍ତି । ସେଠାରେ କେତେକ ଜେଏଫ୍-୧୭ ଯୁଦ୍ଧବିମାନ ମଧ୍ୟ ମୁତୟନ ରହିଛନ୍ତି । ପୂର୍ବରୁ ସେଠାରେ ଏତେସଂଖ୍ୟକ ଯୁଦ୍ଧବିମାନ ବା ସାମରିକ ଉପକରଣ ରହୁନଥିବାବେଳେ ଏବେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଠୁଳ କରାଯିବା ପ୍ରତି ଭାରତ ଗୁରୁତ୍ୱ ଆରୋପ କରିଛି । ୩୭୦ ଧାରା ଉଚ୍ଛେଦ ପରେ ପାକିସ୍ତାନ ସରକାର ଭାରତ ଉପରେ ଅତ୍ୟନ୍ତ କ୍ରୋଧ ପ୍ରକାଶ କରିଥିବାବେଳେ

▶▶ ୭